# Akashvani, Sambalpur

## SAMBALPURI NEWS EVENING BULLETIN

## 1 March 2026-7.02- 7.12 pm.

---

୧- ଠିକ୍ ସମିଆଥି ନ୍ୟାୟ ଦେବାର୍ କ୍ଷେତ୍ରଥି ଅଦାଲତ୍ ସହେତେ ଆଇନ୍‌ଜୀବୀମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ-କହେଲେ ପ୍ରଧାନ୍ ବିଚାର୍‌ପତି ।

୨- ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ଟୁକେଲ୍ ଛୁଆମାନ୍‌କର୍ ଲାଗି ମୁଲ୍ ହେଲା ଏଚ୍‌ପିଭି ଟୀକାକରଣ୍ ଅଭିଯାନ୍ ।

୩- ମହାନଦୀ ଟ୍ରିବ୍ୟୁନାଲ୍ ଦଲ୍ ପୁରୀ ଜିଲ୍ଲାର ଭିନ୍ ଭିନ୍ ନଦୀମାନ୍‌କର୍ କଲେ ଅନୁଧ୍ୟାନ୍ ।

- ଖୋବ୍ ଜଲ୍‌ଦି ହେବା ମହାନଦୀ ଜଲ୍‌ବିବାଦ୍‌ର ସମାଧାନ୍ ସୂଚ୍‌ନା ଦେଲେ ଏଡ୍‌ଭୋକେଟ୍ ଜେନେରାଲ୍ ।

ଆଉର୍

୪- ଟି-୨୦ ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଭାରତ୍ ଆଉ ୱେଷ୍ଟଇଣ୍ଡିଜ୍ ଭିତ୍‌ରେ କୋଲ୍‌କାତାର୍ ଇଡ୍‌ନ୍ ଗାର୍ଡେନ୍ ନ ମୁଲ୍ ହେଲା ମେଚ୍ ।

-ଟସ୍ ଜିତିକରି ବୋଲିଂ ନିଷ୍ପତି ନେଲା ଭାରତ୍ ।

ସିଜେଇଆଇ- ଏପି        ଆର୍ଏନ୍ୟୁ/ କଟକ୍

ନ୍ୟାୟପାଲିକା ଲାଗି ଦେଶର୍ ଲୋକ୍ମାନ୍କର୍ ବିଶ୍ୱାସ୍ ଆଉ ସମ୍ମାନ୍ ନିରନ୍ତର ବଢୁଛେ ବଲି ପ୍ରଧାନ୍ ବିଚାର୍ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ । ଆନ୍ଧ୍ରପ୍ରଦେଶ୍ର ତିରୁପତି ଠାନେ ଗୁଟେ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍, ଠିକ୍ ସମିଆଥି ନ୍ୟାୟ ଦେବାର୍ ଆବଶ୍ୟକତା ରହିଛେ । ନ୍ୟାୟ ଦେବାର୍ ଦିଗେ ଅଦାଲତ୍ ସହେତେ ଆଇନ୍ଜୀବୀମାନ୍କର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ । ଖଣ୍ଡପୀଠ ଆଉ ବାର୍ ଗୁଟେ ଅନୁଷ୍ଠାନ୍ର ୨ ଟା ହାତ୍ ବଲି ବର୍ଣ୍ଣନା କରିକରି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍, ଆଇନ୍ଜୀବୀମାନ୍କର୍ ସହଯୋଗ୍ ଆଉ ଦକ୍ଷ ପରିଚାଳନା ବିଚାର୍ ବିଭାଗ୍କେ ଯୁକ୍ତିଯୁକ୍ତ ଆଉ ଠିକ୍ ନିଷ୍ପତି ପ୍ରଦାନ୍ କର୍ବାର୍ଥି ସାହାଜ୍ କର୍ସି । ଯେନ୍ଥିର୍ ଲାଗି ନ୍ୟାୟ ବ୍ୟବସ୍ଥା ପ୍ରତି ସାଧାରଣ ଲୁକଙ୍କର୍ ଆସ୍ଥା ଆଉ ବିଶ୍ୱାସ୍ ଦୃଢ଼ ହେସି । ନ୍ୟାୟ ଲାଗି କୋର୍ଟକେ ଆସୁଥିବା ଝନେ ବ୍ୟକ୍ତି ନିଜ୍କେ

ନିରାପଦ୍ ଭାବ୍‌ବାର୍ ସହେତେ ସମସ୍ୟାର୍ ସମାଧାନ୍ ଦିଗେ ନିଶ୍ଚିତ୍ ହେବାର୍ ଉଚିତ୍ ବଲି ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ ।

ଏଚ୍‌ପିଭି ଟୀକାକରଣ ସମ୍ବଲପୁର/ବୌଦ୍ଧ/କଲାହାଣ୍ଡି

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ହ୍ୟୁମାନ୍ ପାପିଲୋମା ଭାଇରସ୍- ଏଚ୍‌ପିଭି ଟୀକାକରଣ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ ହେଇଛେ । ଏଚ୍‌ପିଭି ଟୀକାକରଣ୍ ଟୁକେଲ୍ ଛୁଆମାନ୍‌କର୍ ସ୍ୱାସ୍ଥ୍ୟ ଆଉ ଭବିଷ୍ୟତ୍ ସୁରକ୍ଷା ଦିଗେ ଗୁଟେ ଯୁଗାନ୍ତକାରୀ ପଦକ୍ଷେପ୍ ହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ହ୍ୟୁମାନ୍ ପାପିଲୋମା ଭାଇରସ୍ ଟୀକାକରଣ୍ ଅଭିଯାନ୍ ଅଧୀନ୍‌ଥି ରାଜ୍ୟର୍ ୧୪ ନୁ ୧୫ ବଛର୍ ବୟସ୍ ଭିତ୍‌ରେ ଥିବା ୩ ଲାଖ୍ ୩୬ ହଜାର୍ ଟୁକେଲ୍ ଛୁଆଙ୍କୁ ଟୀକାକରଣ୍ କରାଯିବା । ଇଥିର୍‌ଲାଗି ୩ ମାସ୍ ସମିଆ ଧାରିଜ୍ କରାଯାଇଛେ । ଇ ଟୀକା ପହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ, ଚିକିତ୍ସାଳୟ ଆଉ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ଦିଆଯିବା । ୨ ନମ୍ବର୍

ଖେପେ ଇଟାକେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରତକ୍ ସମ୍ପ୍ରସାରଣ୍ କରାଯିବା ।

ସମ୍ବଲପୁର୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ବିଧାୟକ୍ ଜୟନାରାୟଣ୍ ମିଶ୍ର ଏଚ୍‌ପିଭି ଟୀକାକରଣ୍‌ର ଶୁଭାରମ୍ଭ କରିଛନ୍ । ଆଏବା କାଏଲ୍‌ଠାନୁ ଜିଲ୍ଲାର୍ ୧୧ ଟା କେନ୍ଦ୍ର ନ ଟୀକାକରଣ୍ କରାଯିବା । ଜିଲ୍ଲାର୍ ୧୧ ହଜାର୍ ଟୁକେଲ୍ ଛୁଆକୁ ଇଥି ଟୀକାକରଣ୍ କରାଯିବା ।

ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ଆଏଜ୍ ଏଚ୍‌ପିଭି ଟୀକାକରଣ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ ହେଇଛେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଆଉ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ଇତାକେ ଶୁଭାରମ୍ଭ କରିଥିଲେ । ଜିଲ୍ଲାର୍ ୩ ହଜାର୍ ୯ ଶହ ୧୧ ଟୁକେଲ୍ ଛୁଆକୁ ଇଥି ଟୀକାକରଣ୍ କରାଯିବା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା କଲେଜ୍ ଛକ ସହରାଂଚଲ୍ ସ୍ୱାସ୍ଥ୍ୟକେନ୍ଦ୍ର ନ ହେଇଥିବା କାର୍ଯ୍ୟକ୍ରମ୍‌ଥି କଲାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ୍ ତନ୍ମୟ କୁମାର୍ ଦର୍‌ୱାନ୍ ଟୀକାକରଣ୍ ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । ଜିଲ୍ଲାନ ମୋଟ୍ ୩୬ ଟା ସ୍ୱାସ୍ଥ୍ୟକେନ୍ଦ୍ରଥି ଟୀକାକରଣ୍ କରାଯାଉଛେ । ଜିଲ୍ଲାର୍ ପାଖାପାଖି ୧୨ ହଜାର୍ ୪

ଶହ ୪୬ ଜଣ୍ ଟୁକେଲ୍ ଛୁଆଙ୍କୁ ଇ ଟୀକା ଦେବାର୍ ଲାଗି ଲକ୍ଷ୍ୟ ଧାରିଜ୍ କରାଯାଇଛେ ।

ଅପରେସନ୍ ସାଇବର୍ କବଚ        ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ସାଇବର୍ ଅପରାଧିକେ ରୁକ୍ବାର୍ ଲାଗି ଓଡ଼ିଶା ପୁଲିସ୍ ତର୍ଫୁ ଅପରେସନ୍ ସାଇବର୍ କବଚ ଜାରି ରହିଛେ । ଇ ଅଭିଯାନ୍ଥି ଏବ୍ତକ୍ ରାଏଜେ ମୋଟ୍ ୨୨ ହଜାର୍ ୪ ଶହ ୫୫ ଟା ବେନାମୀ ବେଙ୍କ୍ ଏକାଉଂଟ୍ ଯାଂଚ୍ କରାଯିବାର୍ ସହେତେ ୨ ଶହ ୮୧ ଜଣ୍କୁ ଗିରଫ୍ କରାଯାଇଛେ । ରାଜ୍ୟବାସୀଙ୍କର୍ ଡିଜିଟାଲ୍ କାର୍ବାର୍ର ସୁରକ୍ଷା ଲାଗି ଓଡ଼ିଶା ପୁଲିସ୍ ସବୁବେଲେ ପ୍ରତିଶ୍ରୁତିବଦ୍ଧ । ସାଇବର୍ ଅପରାଧ୍ ମୁକ୍ତ ରାଜ୍ୟ ଗଠନ୍ ଲାଗି ଇ ଅଭିଯାନ୍ ଆଏବା ଦିନେ ଆହୁରି କଡ଼ାକଡ଼ି କରାଯିବା ବଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ କହିଛନ୍ ।

ରତ୍ନଭଣ୍ଡାର୍ ଗନ୍ତି ମନ୍ତି      ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ପରିଚାଳନା କମିଟି ବୈଠକ୍ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ହେବା । ବୈଠକ୍‌ଥି ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍ତି ମନ୍ତିର୍ ସମିଆ ଧାରିଜ୍ ଆଉ ଗୁଣ୍ଡିଚା ମନ୍ଦିର୍ ଖୁଲ୍‌ବାର୍ ବାବ୍‌ଦେ ଚୂଡ଼ାନ୍ତ ନିଷ୍ପତି ନିଆଯିବା ବଲି ଜନାପଡ଼ିଛେ । ସେବାୟତ୍‌ଙ୍କର୍ ଛୁଆମାନ୍‌କର୍ ଲାଗି ଆଦର୍ଶ ଗୁରୁକୁଲ୍ ଥାପ୍‌ନା, ମାହାପୁରୁଙ୍କର୍ ନୂଆଁ ରତ୍ନପଲଙ୍କର୍ ବେଭାର୍, ଶ୍ରୀମନ୍ଦିର୍ ଭିତ୍‌ରେ ପୁଲିସ୍ ଆଉ ସେବାୟତ୍‌ମାନ୍‌କର୍ ମୋବାଇଲ୍ ଫୋନ୍ ବେଭାର୍ ନିଷେଧ୍, ନାଟମଣ୍ଡପ୍ ନ ଶ୍ରଦ୍ଧାଳୁମାନ୍‌କର୍ ଶୃଙ୍ଖଲିତ୍ ଦର୍ଶନ୍ ଆଉ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପ୍‌ରେ ଆଲୋଚନା କରାଯିବା ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ଓଡ଼ିଆ ପକ୍ଷ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ମାସର ୧ ତାରିଖ୍ ଓଡ଼ିଶା ଦିବସ୍‌ନୁ ଏପ୍ରିଲ୍ ୧୪ ତାରିଖ୍ ଓଡ଼ିଆ ନବବର୍ଷ ତକ୍ ଓଡ଼ିଆ ଭାଷା ପକ୍ଷ ପାଲନ୍ କରାୟିବା । ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଇ ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାୟିବା ବଲି ବିଭାଗ୍ ତର୍‌ଫୁ କୁହାୟାଇଛେ ।

ପୁସ୍ତକ ମେଲା ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଫି' ବଛର୍ ରାଜ୍‌ଧାନୀ ଭୁବନେଶ୍ୱର୍ ନ ହେଉଥିବା ପୁସ୍ତକମେଲା ଏତ୍‌କର ଫି' ଜିଲ୍ଲା ନ କର୍‌ବାର୍ ଲାଗି ସର୍‌କାର୍ ନିଷ୍ପତି ନେଇଛନ୍ । ପୁସ୍ତକ ମେଲା ଲାଗି ଆଘୋନୁ ୩ କୋଟି ଟଙ୍କା ବ୍ୟୟ ବରାଦ୍ କରାୟାଉଥିଲା । ଚଲ୍‌ତି ବଜେଟ୍‌ଥି ଇତାକେ ୨୪ କୋଟି ଟଙ୍କାକେ ବଢ଼ାୟାଇଛେ । ସଂସ୍କୃତି ବିଭାଗ୍ ତର୍‌ଫୁ ଆୟୋଜିତ ହେବାର୍‌କେ ଥିବା ଇ ପୁସ୍ତକମେଲା ଲାଗି ଫି' ଜିଲ୍ଲାକେ ୫୦ ଲାଖ୍ ଟଙ୍କା ଅନୁଦାନ୍ ୟୁଗେଇ ଦିଆୟିବା ।

ମହାନଦୀ ଟ୍ରିବ୍ୟୁନାଲ୍ ଦଲ ପୁରୀ ସମ୍ବାଦଦାତା

୫ ଦିନିଆ ଓଡ଼ିଶା ଗସ୍ତଥି ଆସିଥିବା ମହାନଦୀ ଟ୍ରିବ୍ୟୁନାଲ୍ ଦଲ୍ ଆଏଜ୍ ପୁରୀ ନ ପହଁଚିକରି ମହାପ୍ରଭୁଙ୍କର୍ ଦର୍ଶନ୍ କରିଛନ୍ । ଟ୍ରିବ୍ୟୁନାଲ୍ର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ଆଉ ସଦସ୍ୟମାନେ ଦର୍ଶନ୍ ସାର୍ବାର୍ ଉତ୍ରୁ ରାଜ୍ୟ ସର୍କାର୍ଙ୍କର୍ ଏଡ୍ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ ଗୁଟେ ସାମ୍ବାଦିକ୍ ସମ୍ମିଲନୀ କରିଥିଲେ । ଖୋବ୍ ଜଲ୍ଦି ଓଡ଼ିଶା ଆଉ ଛତିଶ୍ଗଡ୍ ଭିତ୍ରେ ଥିବା ମହାନଦୀ ଜଲ୍ ବିବାଦ୍ର ସମାଧାନ୍ ହେବା ବଲି ସୂଚ୍ନା ଦେଇଥିଲେ । ଆଏବା ୭ ତାରିଖ୍ ଦିନ ଟ୍ରିବ୍ୟୁନାଲ୍ ଦଲ୍ ଛତିଶ୍ଗଡ଼ ଗସ୍ତଥି ଯିବେ । ୧୧ ତାରିଖ୍ତକ୍ ଛତିଶ୍ଗଡ୍ର ଭିନ୍ ଭିନ୍ ଜାଗାକେ ଯାଇକରି ଦଲ୍ ଅନୁଧ୍ୟାନ୍ କର୍ବାର୍ କାର୍ଯ୍ୟସୂଚୀ ରହିଛେ । ପୁରୀ ଗସ୍ତଥି ଆସିକରି ପୁରୀର କଣାସ, ଗୋପ, ଡେଲାଙ୍ଗ, ବ୍ରହ୍ମଗିରି ଆଉ ନିମାପଡ଼ା ଯାଇକରି ନଦୀ ମାନ୍କର୍ ଅନୁଧ୍ୟାନ୍ କରିଥିଲେ । ଆଏବା କାଏଲ୍ ଦଲ୍ ଚିଲିକା ଗସ୍ତଥି ଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଦକ୍ଷତା ମହାକୁମ୍ଭ ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର ଦକ୍ଷତା ବିକାଶ ପରିସର୍ ନ ଦକ୍ଷତା ମହାକୁମ୍ଭ ଜାରି ରହିଛେ । ସ୍କିଲ୍ ଅଲିମ୍ପିକ୍ ଭାବେ ବିବେଚିତ ୱାର୍ଲ୍ଡ ସ୍କିଲ୍ ପ୍ରତିଯୋଗିତା ଲାଗି ପୂର୍ବ ଭାରତ୍‌ର ଯୁବବର୍ଗ ଓଡ଼ିଶା ନ ନିଜର ଦକ୍ଷତା ପ୍ରଦର୍ଶନ୍ କରୁଛନ୍ । ଇଥର ଇ ପ୍ରତିଯୋଗିତାଥି ୫ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ନୁ ୨ ଶହ ୩୦ ଝନ୍ ପ୍ରତିଯୋଗୀ ଭାଗ୍ ନେଇଛନ୍ । ଥ୍ରି-ଡି, ଡିଜିଟାଲ୍ ଗେମ୍ ଆର୍ଟ, କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍, ସାଇବର୍ ସୁରକ୍ଷା, ବ୍ୟୁଟି ଥେରାପି, ପ୍ଲମ୍ବିଂ ଆଉ ନବୀକରଣ୍ ଶକ୍ତି ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ପ୍ରତିଯୋଗୀମାନେ ପ୍ରଯୁକ୍ତିକୌଶଲ୍ ପ୍ରଦର୍ଶନ୍ କରୁଛନ୍ । ପ୍ରତିଯୋଗିତା ଆଏବା କାଏଲ୍‌ତକ୍ ଚାଲ୍‌ବା । ଆଘୋନୁ ଇ ପ୍ରତିଯୋଗିତା ଗୌହାଟୀ, ଗାନ୍ଧୀନଗର୍ ଆଉ ହାଇଦ୍ରାବାଦ୍ ନ ହେଇସାରିଛେ ।

ଖଡ଼ିଛୁଁଆ ଉତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସର୍‌କାରୀ ବିଦ୍ୟାଳୟମାନ୍‌କେ ୨୦୨୬-୨୭ ଶିକ୍ଷା ବଛର୍ ଲାଗି ନାଁଲେଖା ପ୍ରକ୍ରିୟା ଆଏବା ଏପ୍ରିଲ୍ ମାସୁ ମୁଲ୍ ହେବା ।

ଏପ୍ରିଲ ୨ନୁ ୫ ତାରିଖ୍‌ତକ୍ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଁଆ ଉତ୍ସବ୍ ପାଳନ କରାଯିବା । ୫ ଆଉ ୬ ତାରିଖ୍ ଭିତ୍‌ରେ ଶିଶୁ ବାଟିକାମାନ୍‌କେ ପିଲାମାନ୍‌କର ନାଁଲେଖା ହେବା । ଇ ବାବ୍‌ଦେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ - ଓସେପା ତର୍‌ଫୁ ଇଥିର୍‌ଲାଗି ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଜରିଏ ସୂଚ୍‌ନା ଦିଆଯାଇଛେ ।

ଶୂନ୍ୟ ଭେଦଭାବ ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମାବେଶୀ ଆଉ ନ୍ୟାୟସଙ୍ଗତ ସମାଜ ଗଠନ୍ ଲକ୍ଷ୍ୟ ନେଇକରି ଆଏଜ୍ ସାରା ପୁର୍‌ଥି ନ 'ଶୂନ୍ୟ ଭେଦଭାବ ଦିବସ' ପାଳନ୍ କରାଯାଉଛେ । ସମାଜ୍‌ଥି ରହିଥିବା ସବୁ ପ୍ରକାରର୍ ଭେଦଭାବ- ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା, ନିର୍ବିଶେଷଥି ସମାନତା, ମାନବାଧିକାର୍ ଆଉ ସମ୍ମାନ୍‌ର ମୂଲ୍ୟବୋଧକେ ବର୍‌କସ୍ କର୍‌ବାର୍‌ଟା ଇ ଦିବସ୍‌ର ମୁଖ୍ୟ ଉଦ୍ଦେଶ୍ୟ ଆଏ । ୨୦୧୪ ମସିହାଥି ଜାତିସଂଘ ତର୍‌ଫୁ ଇ ଦିବସ୍‌ର ଆୟୋଜନ୍ କରାଯାଇଥିଲା । ଫି' ମୁନୁଷ୍‌ର ସମାନ୍ ଅଧିକାର୍ ଆଉ ସମ୍ମାନ୍‌ର ଅଧିକାର ଅଛେ ବଲି ଆଝିର୍ ଦିନ୍ ସୋର୍ କରାସି ।

ଚଲ୍‌ତି ବଚ୍ଛର୍ ଇ ଦିବସ୍‌ର ବିଷୟବସ୍ତୁ ରହିଛେ- 'ସମାନ ଅଧିକାର, ସୁଯୋଗ ଆଉ ସମାବେଶୀ ସମାଜ' । ଇ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକମ୍ ଆୟୋଜନ୍ କରାଯାଉଛେ ।

ଦିଶା ସଭା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦ୍‌ଭାବନା ସଭାଗୃହ ନ ସାଂସଦ୍ ମାଳବିକା ଦେବୀଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ଉନ୍ନୟନ୍ ସମନ୍ୱୟ ଆଉ ପର୍ଯ୍ୟାଲୋଚନା କମିଟି ସଭା-ଦିଶା ହେଇଯାଇଛେ । ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍ ମୂଳକ୍ କାମ୍‌ର ସାଂସଦ୍ ସମୀକ୍ଷା କରିଥିଲେ । ଘର୍, ବିଦ୍ୟୁତ୍, ପିଇବାର୍ ପାଏନ୍, ସଡ଼କ୍, ଶ୍ରମଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକାମିଶନ୍, କୃଷି, ଶିଳ୍ପ ଆର୍ ଖାଦ୍ୟଯୋଗାଣ ବାଗିର୍ ଭିନ୍ ଭିନ୍ ଭିଷେଥି ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ତାଙ୍କର୍ ବିଧାନ୍‌ସଭା କ୍ଷେତ୍ରର୍ ଭିନ୍ ଭିନ୍ ସମସ୍ୟା ଉପସ୍ଥାପନ୍ କରିଥିଲେ । ଜିଲ୍ଲା ନ ପହେଲାଥର୍ ଲାଗି ବିଧବା ମହିଳାମାନ୍‌କର୍ ସ୍ୱତନ୍ତ୍ର ଡାଟାବେସ୍ ତିଆର୍

କରାଯାଇକରି ସର୍କାରୀ ସାହାଜ୍ ଯୁଗେଇ ଦିଆଯାଉଛେ ବଲି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ କହିଛନ୍ ।

ନାଗରିକ ସୁରକ୍ଷା ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ କି କେନ୍‌ସି ଆପଦ୍‌କାଲୀନ୍ ସମିଆଥି ନାଗରିକ୍‌ମାନ୍‌କର୍ ସୁରକ୍ଷାର୍ ମହତ୍ୱକେ ସଚେତନ୍ କର୍‌ବାର୍ ଉଦ୍ଦେଶ୍ୟଥି ବିଶ୍ୱ ନାଗରିକ୍ ସୁରକ୍ଷା ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ୧୯୯୦ ମସିହାଥି ଆନ୍ତଃ ରାଷ୍ଟ୍ରୀୟ ସୁରକ୍ଷା ସଂଗଠନ୍ ତର୍‌ଫୁ ଇ ଦିବସ୍ ପାଲନ୍ କରାଯାଇଥିଲା । ଚଲ୍‌ତିବଛର୍ ଇ ଦିବସ୍‌ର ବାର୍ତା ରହିଛେ ‘ଗୁଟେ ସୁରକ୍ଷିତ ଆଉ ସ୍ଥାୟୀ ଭବିଷ୍ୟତ୍ ଲାଗି ପରିବେଶଗତ ବିପଦ୍ ପରିଚାଲନା’ । ପରିବେଶ୍ ପ୍ରଦୂଷଣ୍ ଲାଗି ହେଉଥିବା ସମସ୍ୟା ଆଉ ଜଲ୍‌ବାୟୁ ପରିବର୍ତନ୍‌ର ଭିନ୍ ଭିନ୍ ଦିଗ୍ ବାବ୍‌ଦେ ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ମୁଖିଆ ଲକ୍ଷ୍ୟ ଆଏ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ    ସମ୍ବଲପୁର ସମ୍ବାଦଦାତା

୧୪ ନମ୍ବର ଅଲ୍‌ଇଣ୍ଡିଆ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍ ଆଏଜ୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ କେରଲ୍ ପୁଲିସ୍ ଆଉ କେରଲ୍ ଇଲେକ୍ଟ୍ରିବୋର୍ଡ଼ ଭିତ୍‌ରେ ଖେଲାଯାଉଛେ । ଫାଇନାଲ୍ ମେଚ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର, ବିଜେପୁର୍ ବିଧାୟକ୍ ସନତ୍ ଗଡ଼୍‌ତିଆ ଆଉ ଭଟ୍‌ଲି ବିଧାୟକ୍ ଇରାସିସ୍ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ୍ ଅଛନ୍ ।

ଟି-୨୦ ବିଶ୍ୱକପ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ଟି-୨୦ ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଆଏଜ୍ ସଞ୍ଜର୍ ୭ ବଜେ ଭାରତ୍ ଆଉ ୱେଷ୍ଟ୍‌ଇଣ୍ଡିଜ୍ ଭିତ୍‌ରେ କୋଲ୍‌କାତାର ଇଡ଼େନ୍ ଗାର୍ଡ଼େନ୍ ଷ୍ଟାଡିୟମ୍ ନ ମେଚ୍ ମୁଲ୍ ହେଇଛେ । ଟସ୍ ଜିତିକରି ଭାରତୀୟ ଦଲ୍ ବୋଲିଂ  ନିଷ୍ପତି ନେଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼୍‌ବା । ଆଏବା ୭ ଦିନ୍ ତକ୍ ପାଗ୍ ଏନ୍ତା ଶୁଖା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।